# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 September – 2026

*********************************

## ମୁଖ୍ୟ ସମ୍ବାଦ

- ଭାରତ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ

– ‘ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା’ ପାଇଁ ପ୍ରସ୍ତୁତି ପ୍ରସଙ୍ଗ ଆଧାରରେ ହେବ ଆଲୋଚନା

- ରାଜ୍ୟବ୍ୟାପୀ ଅଦାଲତଗୁଡ଼ିକରେ ଅନୁଷ୍ଠିତ ହେଉଛି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

- ବାଲେଶ୍ୱରଠାରେ ଜାରି ରହିଛି ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ପୂର୍ବାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକ

- ଡଲଫିନ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଡଲଫିନ୍ ଦିବସ

ଏବଂ

- ଲଘୁଚାପର ପ୍ରଭାବରେ ୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ସତର୍କସୂଚନା

Englishp Pool

# ବ୍ରିକ୍ସ ସମିଟ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଭାରତ ଅଧ୍ୟକ୍ଷତାରେ ଆଜି ଅପରାହ୍ନରୁ ଦୁଇ ଦିନିଆ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ସମ୍ମିଳନୀରେ ଭାରତ ସମେତ ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ୍, ସାଉଦୀଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ ଯୋଗଦେବେ । ବିଶ୍ୱର ୧୧ଟି ପ୍ରମୁଖ ଉଦୀୟମାନ ତଥା ବିକାଶଶୀଳ ଅର୍ଥନୈତିକ ରାଷ୍ଟ୍ରକୁ ଏକାଠି କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରୁଛି । ଏହି ଶିଖର ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ବିଶ୍ୱ ଶାସନ ବ୍ୟବସ୍ଥା ବହୁପକ୍ଷୀୟବାଦ, ବାଣିଜ୍ୟ ଓ ନିବେଶ, ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ଓ ଶକ୍ତିସୁରକ୍ଷା, ସ୍ୱାସ୍ଥ୍ୟସେବା,ବିପର୍ଯ୍ୟୟ ମୁକାବିଲା ପରିଚାଳନା ଓ ଯୋଗାଣ ଶୃଙ୍ଖଳ ଭଳି ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ରହିଛି 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ପାଇଁ ପ୍ରସ୍ତୁତି' ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ବହୁ ବିଶ୍ୱ ନେତୃବୃନ୍ଦ  ଅଂଶଗ୍ରହଣ କରୁଛନ୍ତି । ବୈଠକ ଅବସରରେ ଆଜି ସମାବେଶୀ ବିଶ୍ୱ ପ୍ରଶାସନ ଏବଂ ବହୁପକ୍ଷୀୟ ସୁଦୃଢ଼ତା ଶୀର୍ଷକ ଏକ ଅଧିବେଶନ ଆୟୋଜିତ ହେବ ।

Desk

## ରାଷ୍ଟ୍ରୀୟ ଲୋକଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ଆଜି ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି। ଓଡ଼ିଶା ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ତତ୍ତ୍ୱାବଧାନରେ ଅଦାଲତ ଆୟୋଜନ କରାଯାଉଛି। ରାଜ୍ୟର ବିଭିନ୍ନ ଜିଲ୍ଲା କୋର୍ଟରେ ଦୁର୍ଘଟଣା, ବୀମା ଅପରାଧ, ଚାକିରି ସମ୍ବନ୍ଧୀୟ ଆଦି ମାମଲାଗୁଡ଼ିକର ଶୁଣାଣି ଜାରି ରହିଛି।

Desk

## ଅପରାଧ ନିୟନ୍ତ୍ରଣ ବୈଠକ

ବାଲେଶ୍ୱରଠାରେ ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୁଲିସ ବ୍ୟବସ୍ଥା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର ଓ ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ରହି ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ଆଇନଶୃଙ୍ଖଳା ଓ ସାମଗ୍ରୀକ ସ୍ଥିତି ଉପରେ ଆଲୋଚନା କରୁଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ପୂର୍ବାଞ୍ଚଳ ରେଞ୍ଜ ଅଧୀନରେ ଏହି ତିନୋଟି ଜିଲ୍ଲା ଆସୁଥିବାରୁ ଏହି ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତିର ବିଶେଷ ଗୁରୁତ୍ୱ ରହିଛି।

ଆଗାମୀ ଦିନରେ ଗଣେଶ ପୂଜା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳୀ, କାଳୀପୂଜା ଆଦି ପର୍ବପର୍ବାଣି ଅନୁଷ୍ଠିତ ହେବାକୁ ଥିବାରୁ ସେଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତଭାବେ ସମ୍ପନ୍ନ କରିବା ପାଇଁ ବୈଠକରେ ଯୋଜନା ପ୍ରସ୍ତୁତ କରାଯାଉଛି। ପାର୍ବଣ ସମୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ସୂଚାରୁ ଟ୍ରାଫିକ ପରିଚାଳନା ଉପରେ ଡିଜିପି ଗୁରୁତ୍ୱାରୋପ କରୁଛନ୍ତି।

Railway

## ରେଳପଥ ସମୀକ୍ଷା

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରାୟଗଡ଼ା–କୋରାପୁଟ–ଜୟପୁର ରେଳ ସେକସନ୍ ପରିଦର୍ଶନ କରି ଟ୍ରେନ୍ ପରିଚାଳନା, ସୁରକ୍ଷା ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସିଙ୍ଗାପୁର ରୋଡ–କୋରାପୁଟ ରେଳ ସେକସନ୍‌ରେ ଚାଲୁ ରହୁଥିବା ରେଳପଥ ଦୋହରୀକରଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ବିଭିନ୍ନ ଷ୍ଟେସନ୍‌ରେ ଯାତ୍ରୀ ସୁବିଧା, ପରିମଳ ବ୍ୟବସ୍ଥା ଏବଂ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ କାର୍ଯ୍ୟ ଜାରି ରହିଛି। ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଶ୍ରୀ ଫୁଙ୍କୱାଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Kataka

## ନନ୍ଦନକାନନ ବିଦେଶୀ ପକ୍ଷୀ

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଗୁଜୁରାଟସ୍ଥିତ ରାଧାକୃଷ୍ଣମନ୍ଦିର ହାତୀ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ୧୪ ପ୍ରଜାତିର ୫୮ଟି ବିଦେଶୀ ପ୍ରାଣୀ ଆସିଛନ୍ତି। ସେମାନଙ୍କୁ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ପ୍ରାଣୀ ଉଦ୍ୟାନ ସଂଘରୋଧ ଘରେ ଓ ସ୍ୱତନ୍ତ୍ର ଖୁଆଡ଼ରେ ରଖାଯାଇଛି। ୧୪ ପ୍ରଜାତିଙ୍କ ମଧ୍ୟରୁ ୧୦ଟି ନୂଆ ପ୍ରଜାତିର ପ୍ରାଣୀ ଏଥିରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଜେବ୍ରା, କଙ୍ଗାରୁ, ବେନେଟ୍ସ ୱାଲାବୀ ଓ ମକାଓ ସାମିଲ ଅଛନ୍ତି।  ପ୍ରାଣୀ ଉଦ୍ୟାନରେ ମୋଟ ପ୍ରଜାତି ସଂଖ୍ୟା  ୧୮୮କୁ ବୃଦ୍ଧି ପାଇଛି।

Desk

# ବିଶ୍ୱ ଡଲଫିନ୍ ଦିବସ

ଡଲଫିନ୍ ବିଷୟରେ ସଚେତନତା ସୃଷ୍ଟି ଏବଂ ଏହାର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଡଲଫିନ୍ ଦିବସ ପାଳନ କରାଯାଉଛି। ୨୦୨୨ ମସିହାରେ ସି.ସେଫରେଡ୍ ଗ୍ଲୋବାଲ୍ର ଉଦ୍ୟମ ଏବଂ ସମର୍ଥନ ଦ୍ୱାରା ବିଶ୍ୱ ଡଲଫିନ୍ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୨ ତାରିଖରେ ପାଳନ କରାଯାଉଛି। ବିଶ୍ୱରେ ୪୨ଟି ଜାତିର ଡଲଫିନ୍ ଅଛନ୍ତି। ଦେଶରେ ୬ ହଜାର ୩୨୭ ଡଲଫିନ୍ ଥିବା ଏକ ଆକଳନରୁ ଜଣାପଡିଛି। ଓଡ଼ିଶାରେ ମୋଟ୍ ୭୧୦ ଡଲଫିନ୍ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ଥାନୀୟ ଲୋକ ଏବଂ ଗ୍ରାମବାସୀଙ୍କ ଅଂଶଗ୍ରହଣ ଦ୍ୱାରା ଡଲଫିନ୍ ସଂରକ୍ଷଣ ସହ ସଚେତନତା

ଉପରେ ପ୍ରଧାନମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସ୍ତନ୍ୟପାୟୀ ପ୍ରାଣୀ ଡଲଫିନ୍‌ର ସଂରକ୍ଷଣ ପାଇଁ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକ ଯତ୍ନନେବା ଲକ୍ଷ୍ୟରେ ବିଶ୍ୱ ଡଲଫିନ୍ ଦିବସ ଏକ ଉତ୍ତମ ସୁଯୋଗ ପ୍ରଦାନ କରୁଛି।

Nayagada

## ଦାସିଆ ଅଜା

ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ ତଥା 'ଦାସିଆ ଅଜା' ନାମରେ ପରିଚିତ ନୟାଗଡ଼ର ଦାଶରଥି ପଟ୍ଟନାୟକଙ୍କ ଆଜି ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି। ସେ ୧୯୦୭ ମସିହା ଜୁଲାଇ ମାସ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ଉଦୟପୁରରେ ଜନ୍ମଗ୍ରହଣ କରିଥିଲେ। 'ଦାସିଆ ଅଜା' ଜିଲ୍ଲାର ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରଠାରେ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର, ୧୯୭୩ ମସିହାରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ ମସିହାରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ସ୍ୱର୍ଗତଃ ଦାଶରଥି ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେ ସ୍ଥାପନ କରିଥିବା ବାଞ୍ଛାନିଧି ପାଠାଗାର, ଶ୍ରୀଅରବିନ୍ଦ ସଂଗ୍ରହାଳୟ ଓ ଯଦୁମଣି ସାହିତ୍ୟ ସଂସଦ ତାଙ୍କ ଅବଦାନର ପ୍ରମୁଖ ଉଦାହରଣ।

ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା  ପ୍ରଶାସନ ଓ ଦାସିଆ ଅଜା ସ୍ମୃତି କମିଟି ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଓଡ଼ିଶାର ଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାରେ ଦାସିଆ ଅଜାଙ୍କ ଅବିସ୍ମରଣୀୟ ଅବଦାନର ସ୍ମୃତିଚାରଣ କରିଥିଲେ।

Puri

# ଦାବାଗ୍ନି ଲୀଳା

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପରଠାରୁ ଚାଲିଆସୁଥିବା ନୀତି କ୍ରମରେ ଆଜି ସନ୍ଧ୍ୟାଧୂପ ପରେ ଶ୍ରୀମନ୍ଦିରରେ ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହେବ । ଦାବାଗ୍ନି ରାକ୍ଷସ କୃଷ୍ଣ ଓ ବଳରାମଙ୍କ ସହ ଯୁଦ୍ଧରେ ପରାସ୍ତ ହେବାର ବିଧିକୁ ଶ୍ରୀମନ୍ଦିରରେ ମାଟିମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମ୍ପାଦନ କରାଯିବ । ଅମାବାସ୍ୟା ତିଥିରେ ଗତକାଲି ମହାପ୍ରଭୁଙ୍କର ପରମ୍ପରା ଅନୁସାରେ ସନ୍ଧ୍ୟାଧୂପ ପରେ ବସ୍ତ୍ରହରଣ ନୀତି ଅନୁଷ୍ଠିତ ହୋଇଥିଲା । ପରେ ଚନ୍ଦନଲାଗି ନୀତି ଶେଷ ହୋଇ ବଡ଼ସିଂହାର ବେଶ ଓ ଭୋଗ ପରେ ରାତ୍ର ପହୁଡ଼ ହୋଇଥିଲା ।

Bhadrak

# ଗଣେଶ ପୂଜା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଗଣେଶ ପୂଜା ଭସାଣ ଶୋଭାଯାତ୍ରାକୁ ଶୃଙ୍ଖଳିତଭାବେ ପାଳନ କରିବା ପାଇଁ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନେଇ ଉଚ୍ଚ ଶବ୍ଦ ବାଦ୍ୟଯନ୍ତ୍ରର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଶବ୍ଦ ପ୍ରଦୂଷଣ ନିୟମାବଳୀକୁ କଡ଼ାକଡ଼ିଭାବେ ପାଳନ କରିବା ପାଇଁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ସୌରଭ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ଶବ୍ଦସୀମା ଉଲ୍ଲଙ୍ଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

Debagada

## ବାଲ୍ୟ ବିବାହ ନିଷେଧ

ଦେବଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬ ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ଦାୟିତ୍ୱ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାଲ୍ୟ ବିବାହ ରୋକିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କର୍ତ୍ତବ୍ୟ, ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

MET

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ପଶ୍ଚିମ–ଉତ୍ତର ପଶ୍ଚିମ ଦିଗ ଦେଇ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଆଡ଼କୁ ଗତି କରୁଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ସମସ୍ତ ବନ୍ଦରଗୁଡ଼ିକରେ ତିନି ନମ୍ବର ବିପଦ ସଂକେତ ଜାରି କରାଯାଇଥିବା ବେଳେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୨୪ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି। ଚଳିତ ମାସ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୯୦ ଦଶମିକ ୨ ମିଲିମିଟର ବର୍ଷା ହୋଇଯାଇଛି। ରାଜ୍ୟର ସମସ୍ତ ନଦୀର ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଛି। ଜଳସଂପଦ ବିଭାଗର ଅଧିକାରୀମାନେ ନଦୀଗୁଡ଼ିକର

ଜଳସ୍ତର ଉପରେ ନିରନ୍ତର ନଜର ରଖୁଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ମାଲକାନଗିରି, ମୈଥିଲି, କାଲିମେଲା ଓ ପୋଡ଼ିଆ ବ୍ଲକର ସ୍ଥିତି ଉପରେ ବିଶେଷ ଧ୍ୟାନ ଦିଆଯିବା ସହିତ ମୈଥିଲି ଓ କାଲିମେଲାରେ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, ଜୁନାଗଡ଼, ଭବାନୀପାଟଣା ଓ ଲାଞ୍ଜିଗଡ଼କୁ ବ୍ଲକକୁ ମଧ୍ୟ ନିରୀକ୍ଷଣରେ ରଖାଯାଇଛି। ରାଜ୍ୟ ସରକାର ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ଉପରେ ନଜର ରଖିବା ସହ ଆବଶ୍ୟକୀୟ ସତର୍କତାମୂଳକ ତଥା ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୯ ଦଶମିକ ୧୦ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪୬ ହଜାର ୧୭୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ଗୋଟିଏ ଗେଟ ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି।